# NATIONAL NEWS BULLETIN (ODIA)

## 23 September - 2025

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଚଳିତ ଆର୍ଥିକ ବର୍ଷରେ ଅତିରିକ୍ତ ୨୫ ଲକ୍ଷ ଏଲ୍.ପି.ଜି. ସଂଯୋଗୀକରଣ ଲାଗି ମଞ୍ଜୁରୀ ପ୍ରଦାନ କଲେ କେନ୍ଦ୍ର ସରକାର ।

- ପି.ଏମ୍. ସ୍ୱନିଧି ଯୋଜନାରେ ଅସଂଗଠିତ କ୍ଷେତ୍ରକୁ ସୁଦୃଢ଼ କରିଛନ୍ତି କେନ୍ଦ୍ର ସରକାର ।

- ଆଜି ପାଳନ କରାଯାଉଛି ଦଶମ ଜାତୀୟ ଆୟୁର୍ବେଦ ଦିବସ ।

ଏବଂ

- ଏସିଆକପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ସୁପର୍ ଫୋର୍ ପର୍ଯ୍ୟାୟରେ ଆଜି ମୁହାଁମୁହିଁ ହେବେ ପାକିସ୍ତାନ ଓ ଶ୍ରୀଲଙ୍କା ।

# ପ୍ରେସିଡେଣ୍ଟ ନ୍ୟାସନାଲ୍ ଫିଲ୍ମ ଆୱାର୍ଡ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ । ଏଥିରେ ହିନ୍ଦୀ ଚଳଚ୍ଚିତ୍ର **'12th fail'** କୁ ସର୍ବୋତ୍ତମ ଫିଚର୍ ଫିଲ୍ମ ପୁରସ୍କାର ପ୍ରଦାନ କରାଯିବ । ଅନ୍ୟ ପକ୍ଷରେ ହିନ୍ଦୀ ଚଳଚ୍ଚିତ୍ର 'କଥାଲ୍-ଏ ଜ୍ୟାକ୍ଫ୍ରୁଟ୍ ମିଷ୍ଟ୍ରି'କୁ ସର୍ବୋତ୍ତମ ହିନ୍ଦୀ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ । ଚଳଚ୍ଚିତ୍ର 'ଯବାନ୍' ପାଇଁ ଅଭିନେତା ସାହାରୁଖ୍ ଖାନ୍ ଏବଂ ବିକ୍ରାନ୍ତ ମାସେଙ୍କୁ **'12th fail'** ପାଇଁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରାଯିବ ।

ଆଜିର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କିମ୍ବଦନ୍ତୀ ଅଭିନେତା, ନିର୍ଦ୍ଦେଶକ ଏବଂ ପ୍ରଯୋଜକ ମୋହନ ଲାଲଙ୍କୁ ୨୦୨୩ ମସିହା ପାଇଁ ଦାଦା ସାହେବ ଫାଲ୍କେ ପୁରସ୍କାର ପ୍ରଦାନ କରିବେ । ଅଭିନେତ୍ରୀ ରାଣୀ ମୁଖାର୍ଜୀଙ୍କୁ 'ମିଶେଶ ଚାଟାର୍ଜୀ ଭର୍ସେସ୍ ନରୱେ' ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ପାଇଁ ସର୍ବୋତ୍ତମ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯିବାକୁ ଥିବା ବେଳେ ଅଣ-ଫିଚର୍ ଫିଲ୍ମ ବର୍ଗରେ ସୌମ୍ୟଜିତ ଘୋଷ ଦସ୍ତିଦାରଙ୍କ ନିର୍ଦ୍ଦେଶିତ 'ଫ୍ଲାୱାରିଂ ମ୍ୟାନ୍' ଚଳଚ୍ଚିତ୍ର ସର୍ବୋତ୍ତମ ଅଣ-ଫିଚର୍ ଫିଲ୍ମ ପୁରସ୍କାର ପ୍ରଦାନ କରାଯିବ ।

ଘୋଷଣା ଅନୁଯାୟୀ ହିନ୍ଦୀ ଚଳଚ୍ଚିତ୍ର 'ରକି ଅର୍ ରାନୀ କି ପ୍ରେମ୍ କାହାନୀ' ଚଳଚ୍ଚିତ୍ରକୁ ସୁସ୍ଥ ମନୋରଂଜନ ପାଇଁ ସର୍ବୋତ୍ତମ ଲୋକପ୍ରିୟ ଚଳଚ୍ଚିତ୍ର ଭାବେ ଚୟନ କରାଯାଇଥିବା ବେଳେ ସାମ୍‌ବାହାଦୂରଙ୍କୁ ସାମାଜିକ ଏବଂ ପରିବେଶଗତ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରୁଥିବା

ସର୍ବୋତ୍ତମ ଫିଚର୍ ଚଳଚ୍ଚିତ୍ର ଭାବେ ମନୋନୀତ କରାଯାଇଛି । ଆଞ୍ଚଳିକ ଚଳଚ୍ଚିତ୍ର ବର୍ଗରେ ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କର'କୁ ମନୋନୀତ କରାଯାଇଛି ।

## ପିଏମ୍-ଉଜ୍ଜ୍ୱଳା

କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ଅତିରିକ୍ତ ୨୫ ଲକ୍ଷ ରନ୍ଧନ ଗ୍ୟାସ୍ ସଂଯୋଗ ଦେବା ଲାଗି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ନବରାତ୍ରିର ପ୍ରଥମ ଦିନରେ ମହିଳା ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସରକାରଙ୍କ ଏହି ପଦକ୍ଷେପ କେବଳ ପବିତ୍ର ନବରାତ୍ରିରେ ଆନନ୍ଦ ଦେଉନାହିଁ ବରଂ ଦେଶର ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ଆଉ ଏକ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି, ଏହି ଅତିରିକ୍ତ ୨୫ ଲକ୍ଷ ଏଲ୍.ପି.ଜି. ସଂଯୋଗୀକରଣ ପାଇଁ ୬୭୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସରକାର ପ୍ରତି ସଂଯୋଗ ପାଇଁ ଜମା ସ୍ୱରୂପ ୨ହଜାର ୫୦ ଟଙ୍କା ହିସାବରେ ୫୧୨ କୋଟି ଟଙ୍କା, ଏଲ୍.ପି.ଜି. ସିଲିଣ୍ଡର ପାଇଁ ୧୬୦ କୋଟି ଏବଂ ପ୍ରଶାସନିକ ଖର୍ଚ୍ଚ ପାଇଁ ୩ ଲକ୍ଷ ୫୦ କୋଟି ଟଙ୍କା ବ୍ୟୟ କରିବେ । ନୂତନ ଏଲ୍.ପି.ଜି. ଆବଣ୍ଟନ ସହ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ଏଲ୍.ପି.ଜି. ସଂଯୋଗ ସଂଖ୍ୟା ୧୦ କୋଟି ୫୮ ଲକ୍ଷ ଅତିକ୍ରମ କରିବ । କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ

ପୁରୀ କହିଛନ୍ତି, ଏହି ଯୋଜନା ମହିଳାମାନଙ୍କୁ ଆର୍ଥିକ ଏବଂ ସାମାଜିକ କ୍ଷେତ୍ରରେ ଆହୁରି ସୁଦୃଢ଼ କରିବ ।

**V/O-HARDEEP-SINGH-PURI-UJJWALA**

# ଜିଏସ୍‌ଟି-ଟଏସ୍ ଆଣ୍ଡ ଟେକ୍ସଟାଇଲ୍

ଦେଶରେ ଗତକାଲିଠାରୁ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଲାଗୁ ହୋଇଛି । ଜନସାଧାରଣ ଜି.ଏସ୍.ଟି. କ୍ଷେତ୍ରରେ ଅଣାଯାଇଥିବା ସଂସ୍କାର ଗୁଡ଼ିକର ଲାଭ ପାଇବା ଆରମ୍ଭ କରିଛନ୍ତି । ନୂଆ ଜି.ଏସ୍.ଟି. ସଂରଚନାରେ ଜି.ଏସ୍.ଟି. ପରିଷଦ ଟିକସ ବ୍ୟବସ୍ଥାକୁ ହ୍ରାସ କରି ମାତ୍ର ୫ ଓ ୧୮ ପ୍ରତିଶତ ମଧ୍ୟରେ ସୀମିତ ରଖିଛନ୍ତି । ଏହି ସଂସ୍କାର ଫଳରେ ଦେଶର ନାଗରିକମାନେ ବିଭିନ୍ନ ସେବା ଓ ସାମଗ୍ରୀ ଉପରେ ସିଧାସଳଖ ଲାଭ ପାଇପାରିବେ ।

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ଟ୍ୟାକ୍ସ ହ୍ରାସ କରିଥିବା ବେଳେ ବୟନ ଶିଳ୍ପ କ୍ଷେତ୍ରକୁ ଟିକସ ବୋଝରୁ ମୁକ୍ତି ଦେବା ଲାଗି ମନୁଷ୍ୟକୃତ ଫାଇବର ଉପରେ ଜି.ଏସ୍.ଟି. ହାର ୧୫ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଅନ୍ୟ ପକ୍ଷରେ ସୁତା ଉପରେ ଜି.ଏସ୍.ଟି. ହାର ୧୨ରୁ ୫ ପ୍ରତିଶତକୁ କମ୍ କରାଯାଇଛି ।

ଏହି ନିଷ୍ପତ୍ତି ସିଧାସଳଖ ଦେଶର ବୟନଶିଳ୍ପ କ୍ଷେତ୍ରକୁ ଲୋକାଭିମୁଖୀ କରିଛି ।

ଅନ୍ୟ ପକ୍ଷରେ ଖେଳଣା ଶିଳ୍ପକୁ ଲାଭ ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଖେଳଣା ଏବଂ କ୍ରୀଡ଼ା ସାମଗ୍ରୀ ଉପରେ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିଛନ୍ତି । ଯାହା ଫଳରେ ସବୁ ବର୍ଗର ଲୋକେ ଖେଳଣା କ୍ରୟ କରିପାରିବେ ଏବଂ ଏହାଦ୍ୱାରା ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ସଶକ୍ତ ହୋଇପାରିବ । ବିଭିନ୍ନ ଖେଳଣା କମ୍ପାନୀ ଗୁଡ଼ିକ ପକ୍ଷରୁ ଜି.ଏସ୍.ଟି. ପରିଷଦର ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି । ଜି.ଏସ୍.ଟି. ହାର ହ୍ରାସ କରାଯିବା ପରେ ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝ ହ୍ରାସ ପାଇବା ସହ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ବର୍ଗର ଲୋକେ ଏହାର ସୁଫଳ ପାଇବେ ବୋଲି କୁହାଯାଇଛି ।

# ସେବାପର୍ବ-ଫାଇନାନସିଆଲ ସିକ୍ୟୁରିଟି

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ

ସରକାରଙ୍କ କଲ୍ୟାଣକାରୀ ପଦକ୍ଷେପ, ସାମାଜିକ ସୁରକ୍ଷା ଏବଂ ଆର୍ଥିକ ଅନ୍ତର୍ଭୁକ୍ତି ମାଧ୍ୟମରେ କିଭଳି ଅନୌପଚାରିକ କ୍ଷେତ୍ରକୁ ସୁଦୃଢ଼ କରିଛି ।

ଏ ସମ୍ପର୍କରେ ଏକ ରିପୋର୍ଟ...

ଯଦି ଆପଣଙ୍କ ପାଖରେ ବନ୍ଧକ ଭାବରେ ଦେବାକୁ କିଛି ନାହିଁ ତେବେ ଚିନ୍ତା କରନ୍ତୁ ନାହିଁ ମୋଦୀ ଆପଣଙ୍କର ଗ୍ୟାରେଣ୍ଟି ନେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତବର୍ଷ ପ୍ରଧାନମନ୍ତ୍ରୀ ସ୍ୱନିଧିର ହିତାଧିକାରୀଙ୍କୁ ସମ୍ବୋଧିତ କରି ଏଭଳି ପ୍ରତିଶ୍ରୁତି ଦେଇଥିଲେ ।

**V/O-PM Swanidhi**

ଦେଶର ଜି.ଡି.ପି.ର ପ୍ରାୟ ୪୫ ପ୍ରତିଶତ ଅବଦାନ ସହିତ ଅସଂଗଠିତ କ୍ଷେତ୍ର ଭାରତୀୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶିଦାର ହୋଇପାରିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ସରକାର ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କୁ ସଶକ୍ତ କରିବାର ଦାୟିତ୍ୱ ନେଇଛନ୍ତି । ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ରାସ୍ତାକଡ଼ରେ ବିକ୍ରି କରି ଗୁଜରାଣ ମେଣ୍ଟାଉଥିବା ଲୋକମାନଙ୍କ ପାଇଁ ବ୍ୟାଙ୍କ୍ ଋଣ ବ୍ୟବସ୍ଥା ସମେତ ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ କ୍ୟାସ୍ ବ୍ୟାକ୍ ବ୍ୟବସ୍ଥା କରିଛନ୍ତି । କୋଭିଡ୍ ନାଇଣ୍ଟିନ୍ ମହାମାରୀ ଦ୍ୱାରା ପ୍ରଭାବିତ ରାସ୍ତାକଡ଼ର ବିକ୍ରେତାମାନଙ୍କୁ ସାହାଯ୍ୟ କରିବା ପାଇଁ ୨୦୨୦ ଜୁନ୍ ମାସରୁ କେନ୍ଦ୍ର ସରକାର ପି.ଏମ୍. ସ୍ୱନିଧି ଯୋଜନା ଆରମ୍ଭ କରିଥିଲେ ଏବଂ ଏହାକୁ ୨୦୩୦ ପର୍ଯ୍ୟନ୍ତ ବୃଦ୍ଧି

କରାଯାଇଛି । ଏହି ଯୋଜନାରେ ଲାଭ ପାଇଥିବା ଜଣେ ହିତାଧିକାରୀ କହିଛନ୍ତି:

**V/O-Beneficiary**

ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ କେନ୍ଦ୍ର ସରକାର ଇ-ଶ୍ରମନାମକ ପୋର୍ଟାଲ୍ ଆରମ୍ଭ କରିଛନ୍ତି । ଯେଉଁଥିରେ ପଞ୍ଜିକୃତ ହେବା ପରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ସହାୟତା ଯୋଗାଇ ଦିଆଯାଉଛି । ଏଥିସହିତ ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା ଭଳି ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଯେଉଁଥିରେ ଶ୍ରମିକମାନଙ୍କ ପାଇଁ କେନ୍ଦ୍ର ସରକାର ୫୦ ପ୍ରତିଶତ ଅବଦାନ ଦେଇଥାନ୍ତି । ଏହାଛଡ଼ା ବିଭିନ୍ନ ସମୟରେ ଶ୍ରମିକମାନଙ୍କୁ ତାଲିମ୍ ଦିଆଯାଇ ବିଭିନ୍ନ କାର୍ଯ୍ୟ ନିମନ୍ତେ ସେମାନେ ଯେଭଳି ଯୋଗ୍ୟ ହୋଇପାରିବେ କେନ୍ଦ୍ର ସରକାର ମଧ୍ୟ ସେ ଦାୟିତ୍ୱ ନେଇଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟରଂଜନ ମିଶ୍ର ।

**Seba Parba Closing**

# ୧୦ ନ୍ୟାସନାଲ୍ ଆୟୁର୍ବେଦିକ ଡେ

ଆଜି ଦଶମ ଜାତୀୟ ଆୟୁର୍ବେଦିକ ଦିବସ ପାଳନ କରାଯାଉଛି । ଗୋଆର ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନରେ ପାରମ୍ପରିକ ଭାରତୀୟ

ଔଷଧର ପ୍ରଚାର ପ୍ରସାର ପାଇଁ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ କେନ୍ଦ୍ର ଆୟୁଷ ରାଷ୍ଟ୍ର ମନ୍ତ୍ରୀ ପ୍ରତାପ ରାଓ ଯାଦବ ଉଦ୍‌ଘାଟନ କରିବେ । ଚଳିତ ବର୍ଷ ଆୟୁର୍ବେଦ ଦିବସର ବାର୍ତ୍ତା ରହିଛି, ଲୋକଙ୍କ ପାଇଁ ଆୟୁର୍ବେଦ, ପୃଥିବୀ ପାଇଁ ଆୟୁର୍ବେଦ । ଆୟୁର୍ବେଦର ସ୍ୱାସ୍ଥ୍ୟ ଏବଂ ପରିବେଶଗତ ସ୍ଥାୟୀତ୍ୱ ପ୍ରତି ଏହାର ଅବଦାନକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଜାତୀୟ ଧନ୍ୱନ୍ତରୀ ଆୟୁର୍ବେଦ ପୁରସ୍କାର ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ଗୋଆ ଡାକ୍ତରଖାନାରେ ଅନେକ ଗୁଡ଼ିଏ ବ୍ୟବସ୍ଥାର ଉଦ୍‌ଘାଟନ କରାଯିବ ବୋଲି ଜଣାପଡ଼ିଛି ।

# ଏସିଆକପ୍

ଏସିଆକପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଆଜି ସୁପର୍ ଫୋର୍ ପର୍ଯ୍ୟାୟରେ ପାକିସ୍ତାନ ଏବଂ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୮ଟାରେ ଅବୁଧାବିର ଶେଖ୍ ଜାୟଦ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଗତ ୨୧ ତାରିଖରେ ଭାରତ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ସୁପର୍‌ଫୋର୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତ ୬ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା । ଆସନ୍ତାକାଲି ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ସୁପର୍ ଫୋର୍ ପର୍ଯ୍ୟାୟରେ ଭାରତ ଏବଂ ବାଂଲାଦେଶ ମୁହାଁମୁହିଁ ହେବେ ।